# ଗ୍ରାମୀଣ କୃଷି ମୌସମ ସେବା


**ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର**

**ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧**

**(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)**


**ପତ୍ରିକା ସଂଖ୍ୟା-୪୫/୨୫**

**ଜିଲ୍ଲା-ଭଦ୍ରକ** **ତା.୦୬.୦୬.୨୦୨୫**

**ପାଣିପାଗ ପୂର୍ବାନୁମାନ (ତା.୧୧.୦୬.୨୦୨୫ ପର୍ଯ୍ୟନ୍ତ )-** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି** ।ପବନର ବେଗ ୧୦-୧୫ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୬-୩୭°C ଏବଂ ୨୫-୨୬° C ରହିବାର ସମ୍ଭାବନା ରହିଛି।

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 07-06-2025 | 8 | 36 | 26 | 5 | 71 | 34 | 10 | 224 |
| | 08-06-2025 | 6 | 36 | 25 | 5 | 80 | 35 | 11 | 212 |
| | 09-06-2025 | 2 | 36 | 25 | 3 | 79 | 33 | 13 | 213 |
| | 10-06-2025 | 2 | 36 | 26 | 3 | 78 | 38 | 14 | 195 |
| | 11-06-2025 | 7 | 37 | 26 | 5 | 82 | 46 | 12 | 182 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ଆଗାମୀ ଦିନରେ ହାଲୁକା ବର୍ଷା ହେବାର ସମ୍ଭାବନା ଥିବାରୁ ,ଚାଷୀମାନଙ୍କୁ ଜଳସେଚନ ସମୟରେ କିମ୍ବା କୌଣସି ପ୍ରକାର ସିଞ୍ଚନ କାର୍ଯ୍ୟ ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ।<br>➢ ବର୍ଷାଜଳର ଉତ୍ତମ ବିନିଯୋଗ ପାଇଁ ପନିପରିବା ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର।<br>➢ ଗାଈଗୋରୁଙ୍କୁ ସ୍ୱଚ୍ଛ ଓ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଇ ଦିଅନ୍ତୁ। ସେମାନଙ୍କୁ ସକାଳେ କିମ୍ବା ମଧ୍ୟାହ୍ନ ସମୟରେ ଚାରଣ ପାଇଁ ନିଅନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ଜମି ପ୍ରସ୍ତୁତି** | ➢ ଆଗାମୀ ବୃଷ୍ଟିପାତ କୁ ନଜରରେ ରଖି କୃଷକମାନଙ୍କୁ ଖରିଫ ଫସଲ ଉତ୍ପାଦନ ପାଇଁ ଜମି ପ୍ରସ୍ତୁତି /ଖରାଟିଆ ହଳ କରନ୍ତୁ ।ସବୁଜ ଖତ ହିସାବରେ ଧଣିଚା ବିହନ ୧୨kg/ଏକର ବୁଣନ୍ତୁ।<br>➢ ଛଟା ବୁଣା ଧାନ ପରିବର୍ତ୍ତେ ଯନ୍ତ୍ରଚାଳିତ ଧାଡ଼ି ବୁଣା ଧାନ ଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । କିସମ ନିର୍ବାଚନ ସହ ବିହନ ବିଶୋଧନ ଓ ଅନୁମୋଦିତ ସାର ପରିଚାଳନା ଉପରେ ଗୁରୁତ୍ୱ ଦିଅନ୍ତୁ ।<br>➢ ଧାନ ଚାଷ ପାଇଁ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ଅଙ୍କୁରଣ ପରୀକ୍ଷା କରିବା ଉଚିତ । ଶେଷ ଜମି ପ୍ରସ୍ତୁତି ସମୟରେ 2 ଟନ୍ ବିଘଟିତ ଗୋବର ଖତ ପ୍ରୟୋଗ କରନ୍ତୁ। |
| **ଆଖୁ** | **ଅଙ୍ଗୀୟ ବୃଦ୍ଧି ଅବସ୍ଥା** | ➢ ଆଗାମୀ ଦିନରେ ବର୍ଷା ହେବାର ସମ୍ଭାବନା ଥିବାରୁ ଆଖୁ ଗଛର ୪ ରୁ ୫ ପତ୍ରକୁ ନେଇ ଗୋଟିଏ ସ୍ଥାନରେ ଭେଳା ବାନ୍ଧନ୍ତୁ । |
| **ପନିପରିବା** | **ନର୍ସରୀ** | ➢ ବର୍ଷା ଯୋଗୁଁ ଲତାଜାତୀୟ ପନିପନିରିବା ଉପରେ ପ୍ରଭାବ ପଡିବା ର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପନିରିବା କୁ ତୋଳି ଆଣନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ ।<br>➢ ବୃଷ୍ଟିପାତରୁ ନଷ୍ଟ ନ ହେବା ପାଇଁ ଚାରା କିମ୍ବା ନର୍ସରୀ ଶଯ୍ୟାକୁ ସୁରକ୍ଷିତ ରଖନ୍ତୁ।<br>➢ କୀଟନାଶକ ଏବଂ ସାର ପ୍ରୟୋଗ ସିଞ୍ଚନ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।<br>➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ ସୁବିଧା କରନ୍ତୁ। |
| **ଫଳ** | | ➢ ଆଗାମୀ ଦିନରେ ବର୍ଷା ସହ ପବନର ହେବାର ସମ୍ଭାବନା ଥିବାରୁ ଅମଳ ଯୋଗ୍ୟ ଫଳକୁ ତୋଳି ଆଣନ୍ତୁ।<br>➢ ଅମୃତଭଣ୍ଡାର ଫଳ ବିକାଶ ପର୍ଯ୍ୟାୟରେ ଗଛକୁ ପବନ ଏବଂ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ ଏବଂ ଅନ୍ୟାନ୍ୟ ପ୍ରକାରର କାଠି ସାହାଯ୍ୟରେ ରଞ୍ଜା ଦିଅନ୍ତୁ। |

| | | |
|---|---|---|
| **ପଶୁପାଳନ** | | ➢ ବଜ୍ରପାତ ସମୟରେ ଗାଈ/ଛେଳିମାନଙ୍କୁ ଘର ଭିତରେ ରଖନ୍ତୁ।<br>➢ ପଶୁମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital